Click Here & Upgrade
Expanded Features
Unlimited Pages
PDF Complete



# The Orissa Gazette

EXTRAORDINARY

PUBLISHED BY AUTHORITY

**No. 1437 CUTTACK, TUESDAY, NOVEMBER 2, 2004 / KARTIKA 11, 1926**



## ରାଜସ୍ୱ ବିଭାଗ

ଅଧିସୂଚନା

ତାରିଖ 20 ଅକ୍ଟୋବର 2004

ସଂଖ୍ୟା 41347—ଏଲ୍. ଏ.(ବି)-101/2004-ଗଞ୍ଜାମ-ରା.—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଲୋହରାଖଣ୍ଡି ନଦୀ ଉପରେ ପୋଲ ନିର୍ମାଣ ପାଇଁ ସଂଯୋଗ ରାସ୍ତା ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ମନ୍ଦାର, ଥାନା ଭଞ୍ଜନଗର, ତହସିଲ ଘୁମୁସର, ଜିଲ୍ଲା ଗଞ୍ଜାମରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ; ତେଣୁ ଏତଦ୍ୱାରା ଅଧିସୂଚିତ ହେଉଅଛି କି ଉପରୋକ୍ତ ଉଦ୍ଦେଶ୍ୟରେ ନିମ୍ନ ସୂଚୀମତେ ପ୍ରାୟ 0.505 ଏକର ପରିମିତ ଭୂମି ଉପରୋକ୍ତ ମନ୍ଦାର ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894 ର ଅଧିନିୟମର ଧାରା 4 ର ବ୍ୟବସ୍ଥା ଅନୁଯାୟୀ ପ୍ରଣୀତ ଏହି ଅଧିସୂଚନାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯେହେତୁ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଭୂମି ତୁରନ୍ତ ଆବଶ୍ୟକ ବୋଲି ପ୍ରତୀତ ହେଉଛି, ରାଜ୍ୟ ସରକାରଙ୍କ ମତରେ ନିର୍ଦ୍ଦିଷ୍ଟ ହୋଇଥିବା ଭୂମିର ଅର୍ଜନ ପାଇଁ ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ ଭୂମି ଅର୍ଜନ ଅଧିନିୟମ, 1894 ର ଧାରା 17 ର ଉପଧାରା (1) ର ବ୍ୟବସ୍ଥାଗୁଡିକ ପ୍ରଯୁଜ୍ୟ ଅଟେ ।

ସୁତରାଂ ଉକ୍ତ ଅଧିନିୟମର ଧାରା 17 ର ଉପଧାରା (4) ରେ ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ରାଜ୍ୟ ସରକାର ଏତଦ୍ୱାରା ନିର୍ଦ୍ଦେଶ ଦେଉଛନ୍ତି କି ଧାରା 5 ର ବ୍ୟବସ୍ଥାଗୁଡିକ ଉକ୍ତ ଅଧିସୂଚନାରେ ନିର୍ଦ୍ଦିଷ୍ଟ ହୋଇଥିବା ଉକ୍ତ ଜମି ସମ୍ବନ୍ଧରେ ପ୍ରଯୁଜ୍ୟ ହେବ ନାହିଁ ।

ଉକ୍ତ ଜମିର ଏକ ନକ୍ସା, ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

LAND SCHEDULE

| Plot No. (1) | Acquired area (2) Acres |
|---|---|
| 202 | 0.015 |
| 203 | 0.002 |
| 205 | 0.011 |
| 206 | 0.008 |

Click Here & Upgrade
Expanded Features
Unlimited Pages
PDF Complete



| (1) | (2) |
| --- | --- |
| | Acres |
| 207 | 0.023 |
| 210 | 0.086 |
| 133 | 0.093 |
| 150 | 0.122 |
| 151 | 0.050 |
| 152 | 0.095 |
| Total .. | 0.505 |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଦେବୀ ପ୍ରସାଦ ପଣ୍ଡା**

ଅନୁଶାସନ ସଚିବ

Printed and Published by the Director of Printing, Stationery and Publication, Orissa, Cuttack-10
Ex. Gaz. 1004–206+20 o. s.